# ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଜିଲ୍ଲା ଟାସ୍କ ଫୋର୍ସ ବୈଠକ

**ଅନୁଗୋଳ, ୨୭।୧୨(ସମିସ):** ଅନୁଗୋଳ ଜିଲ୍ଲା ପ୍ରଶାସନ ଦ୍ୱାରା ଶିଶୁଙ୍କ ପାଇଁ ଦିନଟିଏ ତଥା ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ସଭା ପରିଚାଳନା କରି ଜିଲ୍ଲାର ବିଭିନ୍ନ ପ୍ରକାରର ଶିଶୁ ସୁରକ୍ଷା ସମ୍ପର୍କିତ ସମସ୍ୟା ଓ ଏହାର ସମାଧାନର ପନ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଇ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ ନିଷ୍ପତ୍ତିମାନ ଗ୍ରହଣ କରାଇଥିଲେ। ଏହାପରେ ଜିଲ୍ଲାର ବାଲ୍ୟ ବିବାହ ନିଷେଧ ପାଇଁ ଆକ୍ସନ ଏଡର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ବେହେରା ଜିଲ୍ଲାର ବାଲ୍ୟ ବିବାହର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବାଲ୍ୟ ବିବାହ ଅଭିଯୋଗ ଗୁଡିକ ଉପରେ ବାଲ୍ୟ ବିବାହ ନିଷେଧ ଅଧିକାରୀମାନେ ସ୍ଥାନୀୟ ଅଦାଲତରେ ବାଲ୍ୟ ବିବାହ ନିଷେଧ ଆଇନର ଧାରା ୧୩ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ନେବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଠିକ ସେହିପରି ଭାବେ ଶିଶୁ ଶ୍ରମିକ ଉଚ୍ଛେଦ ନିମନ୍ତେ ସମସ୍ତ ଶିଶୁ ଶ୍ରମିକ ନିଯୁକ୍ତିକାରୀ ମାଲିକ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସକାଶେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସବୁ ପ୍ରକାର ସମସ୍ୟାର ମୂଳ କାରଣ, ଅଧାରୁ ପାଠ ଛାଡିବା ପିଲାମାନଙ୍କୁ ସଠିକ ଭାବେ ଚିହ୍ନଟ କରିବା ଏବଂ ୬ ବର୍ଷ ପରେ ସମସ୍ତ ଶିଶୁଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାର ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତିଙ୍ଘ ଏହି ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ମହାନ୍ତି, ଡିଏସପି ଡିଆଇବି ପ୍ରତିଭା ମାଝୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ସାହୁ ଓ ସମସ୍ତ ସଦସ୍ୟ ସଦସ୍ୟା, ଡିଏଲସି ଇତିଶ୍ରୀ ଗାଗରାଇ, ସୁରକ୍ଷା ଅଧିକାରୀ ପୋରଣମାସୀ ରଥ, ସମସ୍ତ ସିଡିପିଓ, ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଗୃହ ଓ ଉତ୍କଳ ବାଳାଶ୍ରମ ଅନୁଗୋଳର ପରିଚାଳକ, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା, ସଖି ସେଣ୍ଟରର ସମସ୍ତ କର୍ମକର୍ତା ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଆକସନ ଏଡର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ

**ଅନୁଗୋଳ, ୨୭।୧୨(ସମିସ)**

ଆସନ୍ତା ଜାନୁୟାରୀ ୧୭ରେ ହେବାକୁ ଥିବା ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ବିଭିନ୍ନ ଜିଲ୍ଲାର ପ୍ରମୁଖ ଧର୍ମସ୍ଥଳୀ ଗୁଡ଼ିକୁ ନିମନ୍ତ୍ରଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାର ଗୋପାଳ ପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ଏବଂ ଅନୁଗୋଳ ସ୍ଥିତ ଶୈଳଶ୍ରୀକ୍ଷେତ୍ର ମନ୍ଦିରକୁ ପୁରୀରୁ ଆସିଥିବା ସ୍ୱତନ୍ତ୍ର ପ୍ରତିନିଧି ଦଳ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ଏକ ନିମନ୍ତ୍ରଣ ପତ୍ର ଧରି ପୁରୀରୁ ଆସିଥିବା ବରିଷ୍ଠ ସେବାୟତ ନରସିଂହ ମହାପାତ୍ର, ନାରାୟଣ ମହାପାତ୍ର ଓ ନୋଡାଲ ଅଧିକାରୀ ସମ୍ବିତ୍ ଆଚାର୍ଯ୍ୟଙ୍କୁ ଅନୁଗୋଳର ଶୈଳଶ୍ରୀକ୍ଷେତ୍ର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସଂକୀର୍ତ୍ତନ, ଓଡିଶୀ ନୃତ୍ୟ, ହୁଳ ହୁଳିସହ ଭବ୍ୟ ସ୍ୱାଗତ କରାଯାଇ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ପ୍ରଶାସନଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଓ ଦୁଇମନ୍ଦିରର ସେବାୟତଙ୍କ ଉପସ୍ଥିତିରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିମନ୍ତ୍ରଣ ପତ୍ର ଗ୍ରହଣକରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ସଂସ୍କୃତିଅଧିକାରୀ ଦୁଃଶାସନ ନାଏକ, ମନ୍ଦିର ପରିଚାଳନା କମିଟିର ହେମନ୍ତ ଦାସ, ଭବାନୀ ମିଶ୍ର, ପଦ୍ମ ଚରଣ ପ୍ରଧାନ, ଗଣମାଧ୍ୟମର ପ୍ରତିନିଧିଓ ବହୁ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ।



# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ଆଠମଲ୍ଲିକ, ୨୭।୧୨(ସମିସ):** ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଲିପିଲୋଇ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଆଠମଲ୍ଲିକର ଲିପ୍ତିଙ୍ଗା ଏବଂ ଲିପିଲୋଇ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳର ଅନ୍ତିମ ପର୍ଯ୍ୟାୟ ସୁଦ୍ଧା କେହି କାହାରିକୁ ଗୋଲ କରିବାରେ ସକ୍ଷମ ହୋଇ ପାରି ନଥିଲେ। ଫଳରେ ଟ୍ରାଇବ୍ରେକର୍‌ର ସହାୟତା ନିଆଯାଇଥିଲା। ଏଥିରେ ଲିପ୍ତିଙ୍ଗା ଚାମ୍ପିୟନ ହୋଇଥିବା ବେଳେ ଲିପିଲୋଇ ରନର୍ସ ଅପ୍ ହୋଇଛି। ମୁଖ୍ୟ ରେଫରୀ ଭାବେ ଅନିଲ ସାହୁ ଲାଇନ୍ସ ମ୍ୟାନ ଭାବେ ଅମିତ ନାଏକ, ସୂର୍ଯ୍ୟକାନ୍ତ ବେହେରା ସହଯୋଗ କରିଥିଲେ। ଏ ଅବସରରେ ମୁଖ୍ୟ ଅତିଥି ଭାବେ ନଅଗାଁ ଗ୍ରାମପଞ୍ଚାୟତ ସରପଞ୍ଚ ସ୍ନିଗ୍ଧା ରାଣୀ ଦେହୁରୀ ଉପସ୍ଥିତ ଥିଲେ। ଖେଳରେ ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଫୁଲ୍ଲ କୁମାର ସାହୁ। ଲିପ୍ତିଙ୍ଗାର ପପୁନ ବେହେରା, ମୁନା ବେହେରା, ଦୁଷ୍ମନ୍ତ ଗାଇଗରିଆ, କାର୍ତ୍ତିକ ପଲିଆ, ଆଲୋକ ପଲିଆ, ବବଲୁ ପାରିକ, ସୁହାଗ ପ୍ରଧାନ, ସୁଜନ ଭୁକ୍ତା, ନିଟୁ ବେହେରା, ଆକାଶ ବେହେରା, ଲିଟୁ ବିଶି, ଅମିତ, ମନୋଜ ବେହେରା ଖେଳରେ ଭାଗ ନେଇଥିଲେ।

# ତୈଳିକ ବୈଶ୍ୟ ସମାଜ ଗୋଷ୍ଠୀକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

**ତାଳଚେର, ୨୭।୧୨(ସମିସ):** ତାଳଚେର ପୌରାଞ୍ଚଳ ୱାର୍ଡ ନଂ-୧୮ର ଲିଙ୍ଗରାଜ ଟାଉନସିପସ୍ଥିତ ଦେଉଳବେଡ଼ା ତେଲିସାହିଠାରେ ତୈଳିକ ବୈଶ୍ୟ ସମାଜ ଗୋଷ୍ଠୀ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ଗୋଷ୍ଠୀ କେନ୍ଦ୍ରକୁ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତାଳଚେରର ୨୦ ସାହି ତୈଳିକ ବୈଶ୍ୟ ସମାଜର ସଭାପତି ଅନ୍ତର୍ଯ୍ୟାମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ନଗରପାଳ ପବିତ୍ର ଭୂତିଆ ଉପସ୍ଥିତ ଥିଲେ। ଗତ ଜୁଲାଇ ମାସରେ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ତାଳଚେର ଗସ୍ତ ସମୟରେ ସମାଜ ପକ୍ଷରୁ ସାକ୍ଷାତ କରି ସଭାଗୃହ ନିର୍ମାଣ ପାଇଁ ଲିଖିତ ଭାବେ ଅନୁରୋଧ କରାଯାଇଥିଲା। ଯାହା ଫଳରେ ଅଗଷ୍ଟ ମାସରେ ସଚିବଙ୍କ ପକ୍ଷରୁ ୪୦ ଲକ୍ଷ ଟଙ୍କା ଅନୁମୋଦନ କରିଥିଲେ। କାର୍ଯ୍ୟକ୍ରମରେ ତୈଳିକ ବୈଶ୍ୟ ସମାଜର ଉପସଭାପତି ନରେନ୍ଦ୍ର କୁମାର ସାହୁ, ସମ୍ପାଦକ ରାହାସ କୁମାର ସାହୁ, ଆଇନ୍ ପରାମର୍ଶଦାତା ନଖିଆ ସାହୁ, ଉପଦେଷ୍ଟା ଭିମସେନ୍ ସାହୁ, ନିର୍ମଳ କୁମାର ସାହୁ, ସାଂସଗଠନିକ ସମ୍ପାଦକ ପ୍ରସନ୍ନ କୁମାର ସାହୁ, କୋଷାଧ୍ୟକ୍ଷ ବିଜୟ କୁମାର ପୃଷ୍ଟି ଓ ୨୦ ସାହିର ସମସ୍ତ ସାହି ସଭାପତି, ସମ୍ପାଦକ, ଉପଦେଷ୍ଟା ମଣ୍ଡଳୀ, ସମସ୍ତ କାର୍ଯ୍ୟକର୍ତ୍ତା ଓ ସମସ୍ତ ଗୁଆ ଭାଇଙ୍କ ଉପସ୍ଥିତିରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



# ଆଠମଲ୍ଲିକ ମହୋତ୍ସବ ପ୍ରସ୍ତୁତି ବୈଠକ

**ଆଠମଲ୍ଲିକ, ୨୭।୧୨(ସମିସ):** ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡରେ ଆଠମଲ୍ଲିକ ମହୋତ୍ସବ ନିମନ୍ତେ ଉପଜିଲ୍ଲାପାଳ ଜିତେନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୯ରୁ ୧୧ ତାରିଖ ତିନିଦିନ ଧରି ଏହି ମହୋତ୍ସବ ହେବ। ଏଥିରେ ବଲିଉଡ, ଓଲିଉଡ଼ ଏବଂ ଆଠମଲ୍ଲିକର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏ ନେଇ ପୂର୍ବରୁ ଆଠମଲ୍ଲିକ ଏବଂ କିଶୋର ନଗର ବ୍ଲକର ସମସ୍ତ ପଦାଧିକାରୀ ମାନଙ୍କୁ ନେଇ ମଧ୍ୟ ବୈଠକ ହୋଇଥିଲା। ବୈଠକରେ ଆଠମଲ୍ଲିକର ବହୁ ସାମ୍ବାଦିକ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସୌମ୍ୟରଞ୍ଜନ ନାହାକ, ସୋମ୍ୟ ରଥ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**କିଶୋରନଗର, ୨୭।୧୨(ସମିସ):** କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର କୁମାର ବିଶ୍ୱାଳଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ତାଙ୍କର ମୃତ୍ୟୁ ଖବରପାଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ଅନ୍ତିମ ଶଯ୍ୟା ନିକଟରେ ତାଙ୍କର ବନ୍ଧୁ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# ହିଙ୍ଗୁଳା ମନ୍ଦିର ଉନ୍ନତିମୂଳକ କାର୍ଯ୍ୟର ଭୂମିପୂଜନ



**ତାଳଚେର ସଦର, ୨୭।୧୨(ସମିସ):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଭବ୍ୟମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କଥା ଦେଇ କଥା ରଖିଛନ୍ତି ବୋଲି ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ କରିବା ପାଇଁ ୧୫ କୋଟି ୮୦ଲକ୍ଷ ୪୦ହଜାର ଟଙ୍କା ଅର୍ଥ ମଞ୍ଜୁର କରିଛନନ୍ତି। ଓଡ଼ିଶା ପ୍ରସିଦ୍ଧ ମା'ହିଙ୍ଗୁଳାଙ୍କ ମନ୍ଦିର ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟ କରଣ ଓ ବିକାଶ ପାଇଁ ଏହି ଅର୍ଥ ଅନୁମୋଦିତ କରି ଥିବାରୁ ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ପକ୍ଷରୁ ସାଧୁବାଦ ଜଣାଇଛନ୍ତି। ଏଥିରେ ତାଳଚେରର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀଙ୍କ ଦ୍ୱାରା ସମାପନ ହୋଇଥିଲା ବେଳେ ହିଙ୍ଗୁଳା ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ଉପସ୍ଥିତ ଥିଲେ।

# କୋଇଲା ସହରରେ ବଢୁଛି ପ୍ରଦୂଷଣ



**ତାଳଚେର, ୨୭।୧୨ (ଚିତ୍ତରଞ୍ଜନ ପାଣି)**

ଶିଳ୍ପାୟନ ଯୋଗୁଁ ଅନୁଗୁଳ-ତାଳଚେର ଅଞ୍ଚଳରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ମେଗା ପାୱାର ପ୍ଲାଣ୍ଟ, କୋଇଲା ଖଣି, ସ୍ମେଲ୍ଟର ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଶିଳ୍ପର ବିକାଶ ସହିତ ଏହି ଅଞ୍ଚଳ ଦ୍ରୁତ ଗତିରେ ପ୍ରଦୂଷିତ ହେଉଛି। ଟ୍ରକ୍ ଏବଂ ଭାରୀଯାନରୁ ନିର୍ଗତ ଧୂଆଁର କଣିକା ଏବଂ ପାଉଁଶ ବାୟୁରେ ଭାସିବା ଫଳରେ ଜଳାଶୟ, କୃଷି କ୍ଷେତ୍ର ଏବଂ ଘର ଉପରେ ପଡ଼ିବା ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏ ନେଇ ଶିକ୍ଷାବିତ୍ ତଥା ପରିବେଶବିତ୍ ଜୟଶ୍ରୀ ତିୱାରୀ କହିଛନ୍ତି, ବିଶ୍ୱ ବାୟୁ ପ୍ରଦୂଷଣରେ ୯୦ ପ୍ରତିଶତ ଅବଦାନ ରଖୁଥିବା ପାଞ୍ଚଟି ପ୍ରାଥମିକ ପ୍ରଦୂଷଣ ହେଉଛି ଅଙ୍ଗାରକାମ୍ଳ, ଅଙ୍ଗାରକାମ୍ଳ, ନାଇଟ୍ରୋଜେନ୍ ଅକ୍ସାଇଡ୍, ସଲଫର ଅକ୍ସାଇଡ୍। ହାଇଡ୍ରୋକାର୍ବନ୍ ଭଳି ବାଷ୍ପୀୟ ପଦାର୍ଥ। ଏଠାରେ ୧୧ଟି କୋଇଲା ଖଣି ରହିଛି, ଯେଉଁଥିରେ ୯ଟି ଖୋଲା ଖଣି ଓ ଦୁଇଟି ଭୂତଳ ଖଣି ରହିଛି। ଏହି ନଅଟି ଖୋଲା ପଡ଼ିଆରେ କାର୍ବନ ଡାଇଅକ୍ସାଇଡ୍, କାର୍ବନ ମନୋଅକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ନିର୍ଗତ ହୋଇଥାଏ। ତେଣୁ ପ୍ରଦୂଷଣ ବଢୁଛି ବୋଲି ସେ କହିଛନ୍ତି। ସେହିପରି ତାଳଚେର ବାସିନ୍ଦା ଚୈତନ୍ୟ ପ୍ରଧାନ କହିଛନ୍ତି ଯେ ଧୂଳି ସୁରକ୍ଷା ପାଇଁ କିଛି ନାହିଁ। ଯେଉଁ ସବୁ ଟ୍ରକ୍ ଆସୁଛି ଓ ଯାଉଛି, ସେମାନଙ୍କ ପାଇଁ ସିଞ୍ଚନ ବ୍ୟବସ୍ଥା ହେବା ଦରକାର, କିନ୍ତୁ ସେଭଳି କୌଣସି ସୁବିଧା ନାହିଁ। ଯେତିକି ଧୂଳି ଉଡ଼ୁଛି, ସେତିକି ଗାଁ ଓ ସହରକୁ ଯାଇଥାଏ। ଏପରିକି ଏଠାକାର ମେଡିକାଲ ସେଣ୍ଟରକୁ ମଧ୍ୟ ଯାଇଥାଏ। ମିଳିଥିବା ସୂଚନା ଅନୁଯାୟୀ, ତାଳଚେରରେ ୬୦୦ ମାଇକ୍ରନ୍ ଭଳି ବଡ଼ କଣିକା ଥିବା ସ୍ଥାନରେ ବାୟୁମଣ୍ଡଳରେ ସ୍ଥଗିତ ଧୂଳି କଣିକାସ୍ତର ୪୦୦ ମାଇକ୍ରନ୍ ତଳେ ରହିବା ଆବଶ୍ୟକ। ଅନ୍ୟତମ ତାଳଚେର ବାସିନ୍ଦା କେଶବ ଭୂତିଆ କହିଛନ୍ତି, 'ପ୍ରଦୂଷଣ ଯୋଗୁଁ ଲୋକେ ହୃଦ୍‌ଘାତ, କ୍ୟାନସର ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ଅଞ୍ଚଳରେ ବଢୁଥିବା ବାୟୁ ପ୍ରଦୂଷଣ ଏଠାରେ ରହୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଏହା ସେମାନଙ୍କୁ କାର୍ଡିଓ ଏବଂ ଶ୍ୱାସ ରୋଗ, ବ୍ରୋଙ୍କାଇଟିସ, ନିମୋନିଆ ଏବଂ ଅନ୍ୟାନ୍ୟ ହୃଦ୍ରୋଗ ଭଳି ରୋଗର ସମ୍ମୁଖୀନ କରିଥାଏ। ତାଳଚେର ମଣ୍ଡାପାଳ ଡାକ୍ତରଖାନାର ଡାକ୍ତର କର୍ଣ୍ଣରାମ ମହାନ୍ତ କହିଛନ୍ତି ଯେ, ଧୂଳି ଯୋଗୁଁ ଏଠାରେ ଆଜମା ଭଳି ଶ୍ୱାସ ରୋଗ ଦେଖାଯାଉଛି। ବାୟୁମଣ୍ଡଳରେ ଧୂଳି ଯୋଗୁଁ ଏହି ରୋଗଗୁ?କ ଉଗ୍ର ରୂପ ଧାରଣ କରିଥାଏ। ଅନୁଗୁଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏହା ମୁଖ୍ୟତଃ ଏକ ଶିଳ୍ପାଞ୍ଚଳ, ଯେଉଁଥିରେ ପ୍ରଚୁର କୋଇଲା ଖଣି ଓ ଶିଳ୍ପାନୁଷ୍ଠାନ ରହିଛି, ଏବଂ ଏହା ହିଁ ସେହି ଅଞ୍ଚଳରେ ଆପଣ ଦେଖୁଥିବା ପ୍ରଦୂଷଣର ସ୍ତରର ଏକ ବଡ଼ କାରଣ। ସମସ୍ତ ଖଣି ସେମାନଙ୍କ ଖଣି ଖୋଲିବା ଯୋଜନା ଅନୁଯାୟୀ ପଦକ୍ଷେପ ନେଉଛନ୍ତି। ଚଳନ୍ତା ଟ୍ରକ୍‌କୁ ତ୍ରିପାଲ ଓ ଅନ୍ୟାନ୍ୟ ଉପାୟରେ ଠିକ୍ ଭାବେ ଢାଙ୍କିବା ଭଳି ପଦକ୍ଷେପ ନେଇ ଆମେ ବାୟୁର ଗୁଣବତ୍ତାକୁ ସୁନିଶ୍ଚିତ କରିବାକୁ ଚେଷ୍ଟା କରୁଛୁ।




**ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ନିମନ୍ତ୍ରଣକୁ କେନ୍ଦ୍ରାପଡ଼ାରେ ଭବ୍ୟ ସ୍ୱାଗତ**

# ବଳଦେବଜୀଉ, ଦଧିବାମନଜୀଉ ମନ୍ଦିରକୁ ନିମନ୍ତ୍ରଣ






**କେନ୍ଦ୍ରାପଡ଼ା, ୨୭ ।୧୨(ସମିସ):**

ରାଜ୍ୟ ସରକାରଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାନୁଆରୀ ୧୭ରେ ଏହାର ଲୋକାର୍ପଣ ଉତ୍ସବ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହେବ। ଏହି ଉତ୍ସବକୁ ଭବ୍ୟ ଓ ଦିବ୍ୟ କରିବା ନିମନ୍ତେ ଦେଶ ବାହାର, ଦେଶ ଭିତର ଓ ରାଜ୍ୟର ସମସ୍ତ ଜିଲ୍ଲାର ବିଭିନ୍ନ ମନ୍ଦିରକୁ ନିମନ୍ତ୍ରଣ କରାଯାଉଛି। ଏହି କ୍ରମରେ ବୁଧବାର ଶ୍ରୀକ୍ଷେତ୍ର ପୁରୀରୁ ସେବାୟତ ଓ ସୁଆରଙ୍କ ଏକ ପ୍ରତିନିଧିମଣ୍ଡଳୀ କେନ୍ଦ୍ରାପଡ଼ା ଜିଲ୍ଲାର ପରମ ଆରାଧ୍ୟ ଶ୍ରୀ ଶ୍ରୀ ବଳଦେବ ଜୀଉ ଏବଂ ଡେରାବିଶର ଆରାଧ୍ୟ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କୁ ନିମନ୍ତ୍ରଣ ଜଣାଇଛନ୍ତି। ପୁରୀରୁ ଆସିଥିବା ଏହି ପ୍ରତିନିଧି ଦଳରେ ରବି ନାରାୟଣ ଖୁଣ୍ଟିଆ, ଉଦୟନାଥ ମହାସୁଆର, ରାଧାଗୋବିନ୍ଦ ଖୁଣ୍ଟିଆ ଏବଂ ନୋଡାଲ ଅଫିସର ସୁଶାନ୍ତ ଦାସ ପ୍ରମୁଖଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଡେପୁଟି କଲେକ୍ଟର୍ ଶିବାଶିଷ ପରିଡ଼ା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ଆଲୋକ ମହାନ୍ତି ସେମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଫୁଲହାର ପ୍ରଦାନ କରି ସ୍ୱାଗତ କରିଥିଲେ। କଳସ ବସାଇ ବନ୍ଦା ପନା କରାଯାଇଥିଲା। କୋର୍ଟ ନିକଟରୁ ଏକ ଶୋଭାଯାତ୍ରାରେ ସଦ୍‌ଭାବନା ସଭାଗୃହ ପର୍ଯ୍ୟନ୍ତ ପାଛୋଟି ଅଣାଯାଇଥିଲା। ସଂକୀର୍ତ୍ତନ, ଶଙ୍ଖ ଧ୍ୱନି, ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା ଓ ଜୟ ଜଗନ୍ନାଥ ଧ୍ୱନିରେ ସାରା ପରିବେଶ ଭାବମୟ ହୋଇଉଠିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ସଦ୍‌ଭାବନା ସଭାଗୃହ ନିକଟରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ ସେମାନଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ପ୍ରତିନିଧି ମଣ୍ଡଳୀଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତିର ମା' ଭଉଣୀମାନେ ରଙ୍ଗୋଲିରେ ସମ୍ବର୍ଦ୍ଧନା ଜଣାଇଥିଲେ। ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ସେଠାରେ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କୁ ପ୍ରତିନିଧିମଣ୍ଡଳୀ ନିମନ୍ତ୍ରଣ କରିଥିଲେ। ପରେ ପ୍ରତିନିଧିମଣ୍ଡଳୀ ଶ୍ରୀ ବଳଦେବଜୀଉଙ୍କୁ ନିମନ୍ତ୍ରଣ କରିଥିଲେ। ସିଦ୍ଧବଳଦେବଜୀଉ ଦେବୋତ୍ତର ବିଭାଗ ଓ ସେବାୟତଙ୍କ ପକ୍ଷରୁ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।





## ପାରିନୂଆପଡ଼ାରେ ସେତୁ ପାଇଁ ଶିଳାନ୍ୟାସ



**ଓଲାଭର, ୨୭ ।୧୨(ସମିସ):** କେନ୍ଦ୍ରାପଡ଼ାର ଶେଷ ସୀମାରେ ପ୍ରବାହିତ ଖରସ୍ରୋତା ନଦୀ ପାରିନୂଆପଡ଼ାଠାରେ ଏକ ସେତୁ ନିର୍ମାଣ ଲାଗି ଶିଳାନ୍ୟାସ ହୋଇଛି। ମନ୍ତ୍ରୀ ପ୍ରଫୁଲ ମଲ୍ଲିକ ଓ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ଶିଳାନ୍ୟାସ କରିଛନ୍ତି। ରାଜକନିକା ବ୍ଲକର ୨୯ ପଞ୍ଚାୟତର ଜନସାଧାରଣଙ୍କ ୫ ଦଶନ୍ଧିର ଦାବି ଏବେ ପୂରଣ ହେବାକୁ ଯାଉଛି। ଏହି ସେତୁ ପାଇଁ ୧୧୪ କୋଟି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଖୁବ ଶୀଘ୍ର କାମ ଆରମ୍ଭ ହେବ। ୩୫ମାସ ଭିତରେ ଶେଷ କରାଯିବ ବୋଲି ଲକ୍ଷ୍ୟ ରହିଛି।

## ରାଜନଗର ହାଇସ୍କୁଲ ୧୯୮୬ ବ୍ୟାଚ ବନ୍ଧୁମିଳନ



**ରାଜନଗର, ୨୭ ।୧୨(ସମିସ):** ରାଜନଗର ବ୍ଲକ ପେଣ୍ଠଠାରେ ରାଜନଗର ହାଇସ୍କୁଲ ୧୯୮୬ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରମୋଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ରଘୁନାଥ ଦାସ, ନିରଞ୍ଜନ ପଣ୍ଡା ଓ ପ୍ରଭାତ ମିଶ୍ର ଯୋଗଦେଇ ଶିକ୍ଷକତା ଜୀବନର ସ୍ମୃତି ସାଉଁଟିବା ସହ ଛାତ୍ରଛାତ୍ରୀ ସେମାନଙ୍କ ମାନସ ସନ୍ତାନ ବୋଲି ଅବିହିତ କରିଥିଲେ। ଏହି ଅବସରରେ ୧୯୮୬ ବ୍ୟାଚ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ପ୍ରାକ୍ତନ ଶିକ୍ଷକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ପ୍ରଧାନଶିକ୍ଷକ ରବି ନାରାୟଣ ମିଶ୍ର, ଶିକ୍ଷକ ବୀରସଂହ ମହାପାତ୍ର, ଦୁଃଶାସନ କବି, ଗୋପବନ୍ଧୁ ପ୍ରଧାନ, ୧୯୮୬ ବ୍ୟାଚର ଛାତ୍ର ମାନସ ଜେନା ଓ ମଞ୍ଜୁଲତା ଲେଙ୍କାଙ୍କ ବିୟୋଗରେ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନନ୍ତ ସେଠୀ, ରବୀନ୍ଦ୍ର ସାହୁ, ଅନିରୁଦ୍ଧ ପରିଡ଼ା, ବିଭୂତି ଭୂଷଣ ନାୟକ, ବୈଦ୍ୟନାଥ ଦାସ, ଜଗନ୍ନାଥ ଦାସ, ସୁରେନ୍ଦ୍ର ଦାସ, ପ୍ରଭାକର ନାଥ ଶର୍ମା, ଅନିରୁଦ୍ଧ ନାୟକ, ଯଶସ୍ୱୀ ମିଶ୍ର, ସଂଯୁକ୍ତା ଦାସ, ବିଶ୍ୱମୋହିନୀ ନାୟକ, ସୁଶାନ୍ତ ମଳିକ, ସୁବାସିନୀ ମହାପାତ୍ର ପ୍ରମୁଖ ଯୋଗଦେଇ ସେମାନଙ୍କ ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେ ପକାଇଥିଲେ। ରଶ୍ମିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଶିକ୍ଷକ କଲ୍ୟାଣ ପରିଷଦର ବାର୍ଷିକ ଉତ୍ସବ**

# 'ଶୃଙ୍ଖଳିତ ସମାଜର ମାର୍ଗଦର୍ଶକ ଶିକ୍ଷକ'



**ମହାକାଳପଡ଼ା, ୨୭ ।୧୨(ସମିସ):** ଖୁରୁଷିଆ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଟ୍ଟଲିପଙ୍କ ଓ ଖୁରୁଷିଆ ପଞ୍ଚାୟତର ଶିକ୍ଷକ କଲ୍ୟାଣ ପରିଷଦର ୪୦ତମ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରାଜକିଶୋର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ତାଲିମ ଅନୁଷ୍ଠାନ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା ଯୋଗଦେଇଥିଲେ। ଶିକ୍ଷକ କେବଳ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢେନା। ସେ ଏକ ଶୃଙ୍ଖଳିତ ସମାଜ ପାଇଁ ମାର୍ଗ ଦର୍ଶନ କରାଏ ବୋଲି କହିଥିଲେ। ବଂଶୀଧର ସାହାଣୀ, ନିରଞ୍ଜନ ନାୟକ, ବ୍ଲକ ଶିକ୍ଷା ସଂଯୋଜକ ରାଜକିଶୋର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଅଭୟ ମହାପାତ୍ର, ବଂଶୀଧର ସାହାଣୀ, ଶ୍ରୀଚରଣ ମହାପାତ୍ର, ରବୀନ୍ଦ୍ର ମହାପାତ୍ର, ମଧୁସୂଦନ ପାଳ, ପର୍ଶୁରାମ ପୃଷ୍ଟି, ନିରଞ୍ଜନ ସାମନ୍ତରାୟ, ଧ୍ରୁବ ଚରଣ ସାହୁ ଓ ମୋହନ ଚରଣ ଓଝା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ପ୍ରଦୋଷ ସୂତାର ଓ ଶ୍ରୀମତୀ ଜୟନ୍ତୀ ତ୍ରୀପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଞ୍ଚଳର ଦୁଇଜଣ ମେଧାବୀ ଛାତ୍ରଛାତ୍ରୀ ସୌମ୍ୟା ସେଫାଳୀ ଜେନା ଓ ଶକ୍ତି ପ୍ରସାଦ ମିଶ୍ର ଡାକ୍ତରି ପାଠକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ସେମାନଙ୍କୁ ଆର୍ଥିକ ସହାୟତା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସାରସ୍ୱତ ସାଧକ ଅନଙ୍ଗ ମହାପାତ୍ର ମଞ୍ଚ ସଂଯୋଜନା ସହ ସ୍ୱାଗତ ଭାଷଣ ଦେଇଥଲେ। ଅଧ୍ୟାପକ ଦେବୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶିଶିର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧୀର ମହାପାତ୍ର, ଦୀପ୍ତିମୟ ମହାପାତ୍ର, ସୁବାସ ସେଠୀ, ତ୍ରିଲୋଚନ ନାୟକ, କଳ୍ପତରୁ ସାମଲ, ବସନ୍ତ ଖଟୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକ କାର୍ଯ୍ୟାଳୟରେ ଯୁବକଙ୍କ ଆତଙ୍କ

**ଗରଦପୁର, ୨୭ ।୧୨(ସମିସ):** କେନ୍ଦ୍ରାପଡ଼ା ବ୍ଲକ କାର୍ଯ୍ୟାଳୟ ଭିତରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପୁରୁଷୋତ୍ତମପୁରର ପ୍ରତାପ ସ୍ୱାଇଁ ଆତଙ୍କ ସୃଷ୍ଟି କରିଛନ୍ତି। ସେ ସରକାରୀ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ସରକାରୀ କାମରେ ହସ୍ତକ୍ଷେପ କରିଛନ୍ତି। ଏ ନେଇ ଟାଉନ ଥାନାରେ ଏକ ଅଭିଯୋଗ ହୋଇଛି।

## ବୋଲେରୋ- ଆମ୍ବୁଲାନ୍ସ ଧକ୍କାରେ ୩ ଗୁରୁତର

**ଜଗତସିଂହପୁର/ରଘୁନାଥପୁର, ୨୭ ।୧୨(ସମିସ):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ଥାନା ଅଧୀନ ଜୟପୁର ଡାକ ବଙ୍ଗଳା ସମ୍ମୁଖ ଖଣ୍ଡତରୀ ପାଖରେ ଥିବା ହମ୍ପ ନିକଟରେ ବୁଧବାର ରାତିରେ ଦୁର୍ଘଟଣା ଘଟିଛି। ପାରାଦୀପ ପଟରୁ ଆସୁଥିବା ଏକ ୧୦୮ ଆମ୍ବୁଲାନ୍ସ ରୋଗୀ ନେଇ କଟକ ବଡ ମେଡ଼ିକାଲ ଅଭିମୁଖେ ଯାଉଥିବା ସମୟରେ ବିପରୀତ ଦିଗରୁ ଏକ ବୋଲେରୋ ମୁହାଁମୁହିଁ ଦୁର୍ଘଟଣା ଘଟିଛି। ବୋଲରରେ ଥିବା ୫ଜଣ ଯାତ୍ରୀଙ୍କ ମଧ୍ୟରୁ ୩ଜଣ ଗୁରତର ହୋଇଛନ୍ତି। ରଘୁନାଥପୁର ଥାନା ଇନ୍ସପେକ୍ଟର ସୁଶାନ୍ତ ସେଠି, ସବ୍ ଇନ୍ସପେକ୍ଟର ଯୋଗେଶ୍ୱର ବେହେରା ଓ ଗୃହରକ୍ଷୀ ଗରେଶ୍ୱର ପାଢ଼ୀ ପ୍ରମୁଖ ପହଞ୍ଚି ଗୁରୁତରଙ୍କୁ ତୁରନ୍ତ ଅନ୍ୟ ଏକ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଥିଲେ।

## ଦାଦାବଟି ନ ଦେବାରୁ ଠିକାଦାରଙ୍କୁ ଆକ୍ରମଣ

**କେନ୍ଦ୍ରାପଡ଼ା, ୨୭ ।୧୨(ସମିସ):** କେନ୍ଦ୍ରାପଡ଼ା-କେଟୁଆଗଡ଼ ରାସ୍ତା ନିର୍ମାଣ କରୁଥିବା ଠିକାଦାର ରଶ୍ମିରଞ୍ଜନ ସ୍ୱାଇଁଙ୍କୁ କେତେକ ଯୁବକ ଦାଦାବଟି ପାଇଁ ଆକ୍ରମଣ କରିଛନ୍ତି। ସେମାନେ ୫ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ; ହେଲେ ରଶ୍ମିରଞ୍ଜନ ନ ଦେବାରୁ ଆକ୍ରମଣ କରି କାରରେ ଥିବା ଦେଢ଼ ଲକ୍ଷ ଟଙ୍କା ଓ ପିନ୍ଧିଥିବା ସୁନା ଚେନ୍ ନେଇଯାଇଛନ୍ତି। ଏ ନେଇ ରଶ୍ମିରଞ୍ଜନଙ୍କ ଏତଲା ପରେ ସଦର ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି।

# ରାଜନଗର ଥାନା ଘେରଉ

**ରାଜନଗର, ୨୭ ।୧୨(ସମିସ):** କୌଣସି ଲିଖିତ ଅଭିଯୋଗ ନ ଥାଇ ପୁଲିସ ଜଣେ ଯୁବକକୁ ଥାନାକୁ ଉଠାଇ ଆଣିଛି। ଏହାର ପ୍ରତିବାଦ କରି କଂଗ୍ରେସ କର୍ମୀ ରାଜନଗର ଥାନା ଆଗରେ ଧାରଣାରେ ବସିଥିଲେ। ବାଲିକଣା ଛକରେ ହୋ ହାଲ୍ଲା ଓ ଗାଳି ଗୁଲଜ କରୁଥିବା ବାଲିକଣା ଗ୍ରାମର ଶୈଳେନ୍ଦ୍ର ଦାସଙ୍କୁ ପୁଲିସ ଉଠାଇ ଆଣିଥିଲା। ଏହାର ପ୍ରତିବାଦରେ ଥାନା ଆଗରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର ଜେନାଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଅଶୋକ ବଳ, କେଦାର ସାହୁ, ପାରେଶ୍ୱର ନାୟକ, ଅଲେଖ ବେହେରା, ସହଦେବ ସାହୁ, ମାଗୁଣି ଲେଙ୍କା, ରଞ୍ଜନ ରାଉତ, ଗୌତମ ରାଉତ, ବାଦଲ ବଳ, ଅନିରୁଦ୍ଧ ମଇ, ରବୀନ୍ଦ୍ର ବେହେରା, ଗୋପବନ୍ଧୁ ରାଉଳ, ଅମର ସୂତାର, ସମୀର ସେଠୀ, ବାପିନ ମଳିକ, ବିଚିତ୍ର ମଳିକ, ସରୋଜ ଜେନା, ରମାକାନ୍ତ ଜେନା, ଅଲେଖ ଦାସ, ରବୀନ୍ଦ୍ର ରାଉତ, ସତ୍ୟଜିତ ପାତ୍ର, ବୁବୁ ସାହୁ, ଛାତ୍ର କଂଗ୍ରେସ ସଭାପତି ସତ୍ୟବ୍ରତ ପାଣି, ସିଦ୍ଧାର୍ଥ ସେଠୀ, ବଦ୍ରି ନାରାୟଣ ରାଉତଙ୍କ ସମେତ ମହିଳା ଓ କଂଗ୍ରେସ କର୍ମୀ ଏହି ଘେରଉରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ରାଜନଗର ଆଇଆଇସି ଅଜୟ ଜେନାଙ୍କୁ ପଚାରିବାରୁ ବାଲିକଣା ଛକରେ ଗାଳିଗୁଲଜ କରୁଥିବା ଯୁବକକୁ ଥାନାକୁ ଅଣାଯାଇଥିଲା। ବେଲ୍ ବଣ୍ଡରେ ଛାଡି ଦିଆଯାଇଛି ବୋଲି କହିଛନ୍ତି।



# ଦୁଷ୍କର୍ମ ଅଭିଯୁକ୍ତକୁ ୧୨ ବର୍ଷ ଜେଲ୍

**କେନ୍ଦ୍ରାପଡ଼ା, ୨୭ ।୧୨(ସମିସ):** କେନ୍ଦ୍ରାପଡ଼ା ଅତିରିକ୍ତ ଆଡ୍‌ହକ୍ ଫାଷ୍ଟଟ୍ରାକ କୋର୍ଟ ସେସନ୍ସ ଜଜ୍ ତ୍ରିବିକ୍ରମ କେଶରୀ ଚିନ୍ନାରା ଏକ ଦୁଷ୍କର୍ମ ଘଟଣାର ରାୟ ଶୁଣାଇଛନ୍ତି। ସମସ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଥାନା ଠାଉରୀ ଗ୍ରାମର ସରୋଜ ନାୟକ ଓରଫ କୁନା(୨୯)କୁ ଦଣ୍ଡିତ କରାଯାଇଛି। ତାକୁ ୧୨ ବର୍ଷ ଜେଲ୍ ହୋଇଛି। ୨୦୨୧ ମେ ୨୦ ସନ୍ଧ୍ୟାରେ କେନ୍ଦ୍ରାପଡ଼ା ସଦର ଥାନା ଅଙ୍ଗୁଳେଇ(ପସ୍ତା)ଅଞ୍ଚଳର ଜେଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ଘର ସମ୍ମୁଖରୁ ସେ କାର୍‌ରେ ଉଠାଇ ନେଇ ଅନ୍ୟତ୍ର ରଖି ଦୁଷ୍କର୍ମ କରିଥିଲେ। ନାବାଳିକା ଜଣଙ୍କ କୌଶଳକ୍ରମେ ଖସି ଆସିବା ପରେ ପରିବାର ଲୋକଙ୍କୁ ଜଣାଇଥିଲେ। ଏହାପରେ ତାଙ୍କ ବାପା କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶେଷରେ ଏହାର ରାୟ ପ୍ରକାଶ ପାଇଛି। ଅନ୍ୟପକ୍ଷେ କୋର୍ଟ ପୀଡିତାଙ୍କ ଥଇଥାନ ନିମନ୍ତେ ତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମନୋଜ ସାହୁ ଏହି ମକଦ୍ଦମା ପରିଚାଳନା କରୁଥିଲେ।



କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ଅଧୀନ ମାହଳସ୍ଥିତ ବାଲାବିହାରୀ ବିଦ୍ୟାପୀଠ ୧୯୯୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନରେ ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର।

# ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ୨୭ ।୧୨(ସମିସ):**



କେନ୍ଦାପଡ଼ା କଲେଜରେ ମଙ୍ଗଳବାର ଓର୍‌ମାସ୍ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ ଉତ୍ସବ ଏବଂ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବକୁ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୀୟ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଉପଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋଜ ଚାନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଡେପୁଟି କଲେକ୍ଟର ଶିବାଶିଷ ପରିଡ଼ା, ଏଲଡିଏମ ମନୋଜ ପ୍ରଧାନ, ସିଡିଏମଓ ଅନିତା ପଟ୍ଟନାୟକ, ଓରମାସର ଡେପୁଟି ସିଇଓ ନିରୋଦ ଜେନା, ଯୋଜନା ଓ ପର୍ଯ୍ୟାଲୋଚନାର ଉପ ନିର୍ଦ୍ଦେଶିକା ଆରତୀ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷକ୍ଷ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଆଲୋକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଜୟଶ୍ରୀ ପତି ମଞ୍ଚ ପରିଚାଳନା ସହ ସଂଯୋଜନା କରିଥିଲେ। ଏହି ମେଳା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସାମାଜିକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ବାଲିକୁଦା,୨୭ ।୧୨(ସମିସ): ବରମୁଣ୍ଡଳୀ ପଞ୍ଚାୟତ ତାଳଗାଁ ବାସୁଦେବ ମହାପାତ୍ର ସ୍ମାରକୀ ମହାବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସାମାଜିକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହେଲମେଣ୍ଟର ଆବଶ୍ୟକତା, ଯୌତୁକ ନିର୍ଯାତନା ଉପରେ ଏକ ପ୍ରାଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଯୋଗ ଜୀବନରେ କେତେ ଉପଯୋଗୀ ବୋଲି ବାର୍ତ୍ତା ଦିଆଯାଇଥିଲା। ମା' ବନ୍ଦରେଇ ପୀଠ ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଉପେନ୍ଦ୍ରନାଥ ପରିଡା, ଅଧ୍ୟାପକ ବୀରବର ପରିଡା, ଆଲୋକ ଜେନା, ପ୍ରଶାନ୍ତ ମହାନ୍ତି, ମାଧବାନନ୍ଦ ରାଉତ, ମିତାଲି ମଧୁସ୍ମିତା ସାହାଣୀ, ବିସ୍ମୟ ମିତ୍ର, ସୁମିତ୍ରା ମହାନ୍ତି, ଚନ୍ଦ୍ରକାନ୍ତି ବିଶ୍ୱାଳ, ଗୀତାଞ୍ଜଳି ସାହୁ, ଦୀପ୍ତିମୟୀ ଜେନା, ବରିଷ୍ଠ କିରାଣୀ ଅକ୍ଷୟ ପ୍ରଧାନ, ନରେଶ ରାଉତ, ସୁରେନ୍ଦ୍ର ବିଶ୍ୱାଳ, ବିଜୟ ସେଠି, କ୍ଷୀରୋଦ ବେହେରା, ଭିକାରୀ ମହାନ୍ତି, ସୁନାକର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ବିଜୁ ବାବୁଙ୍କୁ ଭାରତ ରତ୍ନ ପାଇଁ ଦାବି



ବିରିଡି,୨୭ ।୧୨(ସମିସ): ବିଜୁ ଜନତା ଦଳର ୨୭ ତମ ପ୍ରତଷ୍ଠା ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ବିଜେଡି ସମ୍ପାଦକ ମନୋରଞ୍ଜନ ଓଝାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଟକ ଅଥଗ୍ଗା କାଠେଯାଡି ନଦୀପୋଲ ପାଶ୍ୱର୍ରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ତେବେ ବିଜୁ ବାବୁଙ୍କୁ ଭାରତ ରତ୍ନ ଉପାଧି ପାଇଁ ପ୍ରତିମା ମହାରଣା, ବିଶ୍ୱଜିତ ପାତ୍ର, ବନ୍ଦୁ ଚରଣ ରାଉତ, ସୌମ୍ୟରଂଜନ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ଗ୍ୟାରେଜ ମାଲିକ ସଙ୍ଘର ବାର୍ଷିକ ଉତ୍ସବ




ପାରାଦୀପ,୨୭ ।୧୨(ସମିସ): ପାରାଦୀପ ଅଞ୍ଚଳରେ ଥିବା ଦୁଇଚକିଆ ଗ୍ୟାରେଜ ମାଲିକ ସଙ୍ଘ ତରଫରୁ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ୟାରେଜ ମାଲିକମାନେ ବିଭିନ୍ନ ଅଞ୍ଚଳ ସଫା କରିଛନ୍ତି। ପାରାଦୀପ ଅଞ୍ଚଳରେ ବସବାସ କରୁଥିବା ଅବହେଳିତ ବ୍ୟକ୍ତି ବିଶେଷ, ବିଭିନ୍ନ ଜରାଶ୍ରମ ଓ ରାସ୍ତା କଡରେ ଅତିବାହିତ କରୁଥିବା ମାନସିକ ଅନଗ୍ରସର ବ୍ୟକ୍ତିଙ୍କୁ ସହାୟତାର ହାତ ବଢାଇଛନ୍ତି।

## ସେବା ଫାଉଣ୍ଡେସନ ତରଫରୁ ଶୀତବସ୍ତ୍ର ବଣ୍ଟନ

**ଜଗତସିଂହପୁର,୨୭ ।୧୨(ସମିସ):** ବାଲିକୁଦା ବ୍ଲକ ରାହାଣର ସେବା ଫାଉଣ୍ଡେସନ ତରଫରୁ ବିଭିନ୍ନ ସ୍ଥାନରେ ଅସହାୟ, ନିରାଶ୍ରୟା, ବୃଦ୍ଧବୃଦ୍ଧା, ମାନସିକ ଭିନ୍ନକ୍ଷମଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଫାଉଣ୍ଡେସନ ସଭାପତି ରଶ୍ମିରଞ୍ଜନ ପାତ୍ର, ସମ୍ପାଦକ ସମ୍ବିତ ପାଇଟାଳ, ବିକାଶ ବେହେରା, ରାଜକିଶୋର ବେହେରା, ମୁନା ସେନାପତି, ବିରଞ୍ଚି ବେହେରା, ଓମ୍ ରଞ୍ଜନ ଯତି, ସୁବାଷ ଦଳେଇ, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ।



# 'ବାପା, ମାଆଙ୍କ ଯତ୍ନରେ ଅବହେଳା ଅନୁଚିତ'

**ବାଲିକୁଦା,୨୭ ।୧୨(ସମିସ)**



ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ବରମୁଣ୍ଡଳୀ ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଗୁରୁପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ମଣିଷର ଆଦ୍ୟ ଗୁରୁ ହେଉଛନ୍ତି ସେମାନଙ୍କ ବାପା, ମା'। ଏଣୁ କେହି ବି କେବେ ନିଜ ବାପା, ମା'ଙ୍କୁ ଆଦୌ ଅଣଦେଖା, ଅବହେଳା କରିବା ଅନୁଚିତ। ସମସ୍ତେ ନିଜ ଜୀବନର ପ୍ରଥମ ଗୁରୁ ବାପା, ମା'ଙ୍କ ସେବା କଲେ ଗୁରୁପୂଜାର ମହତ ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ବୋଲି ଶିକ୍ଷକମାନେ ପରାମର୍ଶ ଦେଇଥିଲେ।

ପୁରାତନ ଛାତ୍ର କଳ୍ପତରୁ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ଶିକ୍ଷକ ନେତ୍ରାନନ୍ଦ ସାହୁ, ରାଜ କିଶୋର ରାୟ, ସୁନାକର ସ୍ୱାଇଁ, ଶଙ୍କର ପ୍ରସାଦ ମାଣିଆ, କୃଷ୍ଣଚନ୍ଦ୍ର ମହାନ୍ତି, ବିଚିତ୍ରାନନ୍ଦ ସ୍ୱାଇଁ, କ୍ଷେତ୍ରମୋହନ ବେହେରା, ନାଥ ସେଠି, ବାଳକୃଷ୍ଣ ଭଟ୍ଟ, ଲାଲ ମୋହନ ବାରିକ ପ୍ରମୁଖ ଯୋଗ ଦେଇ ନିଜର ଶିକ୍ଷକତା ଜୀବନର ସ୍ମୃତି ଉଚ୍ଚାରଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀ ନର୍ମଦା ସ୍ୱାଇଁ ଗୁରୁ ବନ୍ଦନା ଗାନ କରିଥିବା ବେଳେ ପୁରାତନ ଛାତ୍ର ଅଧ୍ୟାପକ ପ୍ରହ୍ଲାଦ ଜେନାଙ୍କ ଦ୍ୱାରା ରଚିତ ପୁସ୍ତକ ଶିକ୍ଷକମାନଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା। ପୁରାତନ ଛାତ୍ର ବାମଦେବ ପତି, ସୁବାସଚନ୍ଦ୍ର ନାୟକ, ପୁଷ୍କର ବିଶ୍ୱାଳ, ସୁଶାନ୍ତ ଶତପଥୀ, ବିଜୟ ଦାସ, କରୁଣକର ଗାଇଆ, ଜଗବନ୍ଧୁ ମହାନ୍ତି, ପ୍ରେମାନନ୍ଦ ପରିଡା, ଅକ୍ଷୟ ବେହେରା ପ୍ରମୁଖ ଶିକ୍ଷା ଗ୍ରହଣ ସମୟରେ ଶିକ୍ଷକମାନଙ୍କ ସହ ବିତିଥିବା ଅନୁଭୂତି ବର୍ଣ୍ଣନା କରଥିଲେ। ଦୀର୍ଘ ୩୦ ବର୍ଷ ପରେ ଶିକ୍ଷକମାନଙ୍କ ସହ ହୋଇଥିବା ଭେଟକୁ ଜୀବନର ଶ୍ରେଷ୍ଠ ସମୟ ବୋଲି ବର୍ଣ୍ଣନା କରିଥିଲେ। ଶିକ୍ଷକମାନେ ଏହି ଗୁରୁ ପୂଜନ ଜୀବନର ସ୍ମରଣୀୟ ସମୟ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ଶିକ୍ଷକମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥଲେ। ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ପୁରାତନ ଛାତ୍ର ଧର୍ମାନନ୍ଦ ରାଉତ, ନିର୍ମଳ ମହାନ୍ତି, ସଞ୍ଜୟ ସ୍ୱାଇଁ, ପ୍ରତିମା ମିଶ୍ର, ସୁଦାମ ଚରଣ ସ୍ୱାଇଁ, ପ୍ରମୋଦ ନାୟକ, ଶରତ ସ୍ୱାଇଁ, ସତ୍ୟଭାମା ବିଶ୍ୱାଳ, ମିନାକ୍ଷୀ ରାଉତ, ଅଶୋକ ମହାନ୍ତି, ବରିଷ୍ଠ ଶିକ୍ଷକ ସନ୍ତୋଷ ବିଶ୍ୱାଳ, ଅଞ୍ଜଳି ମହାନ୍ତି, ନୀଳିମା ପତି, ଆସିକ ମହାନ୍ତି, ବନ୍ଧୁ ଚରଣ ନାୟକ, ନିର୍ମଳ ସାହୁ, ନାରାୟଣ ବାରିକଙ୍କ ସମେତ ସମସ୍ତ ପୁରାତନ ଛାତ୍ରଛାତ୍ରୀ ସହାୟତା ପ୍ରଦାନ କରିଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜଗନ୍ନାଥ ଦାରୁସ୍ଥଳକୁ ନିମନ୍ତ୍ରଣ

**ରଘୁନାଥପୁର,୨୭ ।୧୨(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଓ ଲୋକାର୍ପଣ ଉତ୍ସବ ପାଇଁ ବିଭିନ୍ନ ଦେବସ୍ଥାନକୁ ନିମନ୍ତ୍ରଣ କରାଯାଉଛି। ଏହିକ୍ରମରେ ରଘୁନାଥପୁର ବ୍ଲକ୍ ଅଧୀନ ଧରାଧରପୁର ପଞ୍ଚାୟତର ଖରିପଡିଆ ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥଙ୍କ ଦାରୁସ୍ଥଳକୁ ନିମନ୍ତ୍ରଣ କରାଯାଇଛି। ବୁଧବାର ପୁରୀରୁ ଦଇତାପତି ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ନିମନ୍ତ୍ରଣ କରିଥିଲେ। ଦଇତାପତିମାନେ ଦାରୁସ୍ଥଳରେ ପହଞ୍ଚିବାପରେ ସେମାନଙ୍କୁ ବ୍ଲକ ପ୍ରଶାସନ ଓ ଗ୍ରାମବାସୀଙ୍କ ପକ୍ଷରୁ ହରିବୋଲ ହୁଳହୁଳିରେ ସ୍ୱାଗତ କରା ଯାଇଥିଲା। ପୁରୀର ଦଇତାପତି ବିନାୟକ ଦାସ ମହାପାତ୍ର, ଦଇତାପତି ବିଜୟକୃଷ୍ଣ ଦାସମହାପାତ୍ର, ପୁରୀ ଶ୍ରୀମନ୍ଦିର ନୋଡାଲ ଅଫିସର ସୁବୋଧ ହୋତା ଜଗନ୍ନାଥ ଦାରୁସ୍ଥଳର ସଭାପତି ଆଇନଜୀବୀ ଗଗନ ଦାଶଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ରଘୁନାଥପୁର ବିଡିଓ ନମିତା ବାରିକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତା ଖୁଣ୍ଟିଆ, ଅରକ୍ଷିତ ମଲ୍ଲିକ, ହେମନ୍ତ ସାହୁ, ପ୍ରଦୀପ୍ତ ବିହାରି, ସନାତନ ସାହୁ, ଯତିନ ଦାଶ, ବସନ୍ତ ଦାଶ, ନରେନ୍ଦ୍ର ଦାଶ, ନରେନ୍ଦ୍ର ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ, ବିନୋଦ ମଲ୍ଲିକ, କ୍ଷିରୋଦ ମଲ୍ଲିକ, ଦୁର୍ଯୋଧନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



## ଜିରୋ ନାଇଟ୍ ପାଇଁ ହୋଟେଲ ଏମ୍ପାୟାର୍ସର ପ୍ରସ୍ତୁତି

**ପାରାଦୀପ,୨୭ ।୧୨(ସମିସ):** ଦିନ କେଇଟା ପରେ ବିଦାୟ ନେବ ପୁରୁଣାବର୍ଷ-୨୦୨୩ଙ୍ଗ ଡିସେମ୍ବର ୩୧ ଜିରୋ ନାଇଟକୁ ଧୁମଧାମରେ ପାଳନ କରିବା ପାଇଁ ବନ୍ଦର ନଗରୀ ପାରାଦୀପରେ ଜୋରଦାର ପ୍ରସ୍ତୁତି ଚାଲିଛିସ। ହୋଟେଲ ଏମ୍ପାୟାର୍ସ ମଧ୍ୟ ପ୍ରସ୍ତୁତି ଚଳାଇଛି। ଜିରୋ ନାଇଟ ପାଳନ ପାଇଁ ଏମ୍ପାୟାର୍ସ ପକ୍ଷରୁ ଚିତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଆଇଡ଼ଲ ସିଜିନ-୪ର ବିଜେତା ସୌରଭି ଦେବବର୍ମା, ବଲିଉଡ କଣ୍ଠଶିଳ୍ପୀ ଆକାଶ ଓଝା, ସୌମେନ ଚୌଧୁରୀଙ୍କ ଭଳି ନାମିଦାମୀ କଳାକାର ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିବେ। ଖ୍ୟାତନାମା କଳାକାର ଭୂପିନ୍ଦର ସିଂ କାର୍ଯ୍ୟକ୍ରମ ପରିଚାଳନା କରିବେ। ଏହି ଅବସରରେ ହୋଟେଲ ପକ୍ଷରୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ସେଥିପାଇଁ ପ୍ରବେଶ ଶୁଳ୍କ ରଖାଯାଇଥିବା ହୋଟେଲ ମହାପ୍ରବନ୍ଧକ ସନ୍ତୋଷ ମିଶ୍ର, ସେଲ୍ସ ମ୍ୟାନେଜର ଏମ ଏମ ଖାଁ ଓ ନିତିନ ପଟ୍ଟନାୟକ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି।



## ଦିବ୍ୟାଙ୍ଗଙ୍କୁ ପ୍ରଶାସନ ପକ୍ଷରୁ ହୁଇଲ ଚେୟାର ପ୍ରଦାନ



**ଜଗତସିଂହପୁର,୨୭ ।୧୨(ସମିସ):** ଜଗତସିଂହପୁର ଜିଲ୍ଲାର ସଦର ବ୍ଲକ୍ ପାଟେଣୀ ଗାଁ ପଞ୍ଚାୟତ ନକୁଳାଙ୍ଗ ଗ୍ରାମର ସୂର୍ଯ୍ୟକାନ୍ତ ଭୋଇ (୨୨) ଙ୍କୁ ପ୍ରଶାସନ ପକ୍ଷରୁ ହୁଇଲ ଚେୟାର ପ୍ରଦାନ କରାଯାଇଛି। ଜନ୍ମରୁ ସେ ମାନସିକ ରୋଗଗ୍ରସ୍ତ ଅବସ୍ଥାରେ ଜୀବନ ବିତାଉଛନ୍ତି। ସେହିପରି ଠିକ୍ ଭାବେ ସେ ଚାଲି ପାରନ୍ତି ନାହିଁ। କିଛି ବାଟ ଚାଲିଲେ ପଡ଼ି ଯାଆନ୍ତି। ଚଳପ୍ରଚଳ କରିବାରେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଆଶୀର୍ବାଦ ସେବା ସଂଗଠନ ତାଙ୍କ ସମ୍ପର୍କରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ଶେଷରେ ଜଗତସିଂହପୁର ବ୍ଲକର ସାମାଜିକ ସୁରକ୍ଷା ଅଧିକାରିଣୀ ରୂପରେଖା ସାହୁଙ୍କ ଉପସ୍ଥିତିରେ ସୂର୍ଯ୍ୟକାନ୍ତଙ୍କୁ ଏକ ହୁଇଲି ଚେୟାର ପ୍ରଦାନ କରାଯାଇଛି।

**ରାଜ୍ୟସ୍ତରୀୟ ପାରା ଦୌଡ଼କୁଦ ପ୍ରତିଯୋଗିତା**

## ଜଗତସିଂହପୁର ଜିଲ୍ଲାର କ୍ରୀଡ଼ାବିତ୍‌ଙ୍କୁ ୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ

**ଜଗତସିଂହପୁର,୨୭।୧୨(ସମିସ):**(ସମିସ): ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ପାରା କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ଜିଲ୍ଲାର ୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଜଗତସିଂହପୁର ଜିଲ୍ଲା ଖଇରଙ୍ଗ ପଞ୍ଚାୟତର ପ୍ରଫୁଲ୍ଲ ଖଣ୍ଡାୟତରାୟଙ୍କୁ ଜାଭଲିନ ଥ୍ରୋ, ଶଟପୁଟ ଥ୍ରୋ ଏବଂ ଡିସ୍କସ ଥ୍ରୋରେ ୩ଟି ସ୍ୱର୍ଣ୍ଣ ପଦକ ମିଳିଥିଲା। ସେହିପରି ତିର୍ତ୍ତୋଲ ବ୍ଲକର ସୁଭଦ୍ରା ଦାସଙ୍କୁ ମହିଳା ଜାଭଲିନ ଥ୍ରୋରେ ସ୍ୱର୍ଣ୍ଣ ଏବଂ ଡିସକସ୍ ଥ୍ରୋରେ ରୌପ୍ୟ ପଦକ ମିଳିଛି। ବାଲିକୁଦା ବ୍ଲକ ତେନ୍ତୁଳିବେଲାରୀର ଯୋଗେଶ୍ୱର ବାଗେ ପୁରୁଷ ବର୍ଗ ଜାଭଲିନ ଥ୍ରୋରେ ରୌପ୍ୟ ଏବଂ ୧୦୦ମିଟର ଦୌଡରେ କାଂସ୍ୟ ପଦକ ମିଳିଛି।

## ଗଣପତି ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

**ପାରାଦୀପ,୨୭ ।୧୨(ସମିସ):** ପାରାଦୀପ ପୌର ପରିଷଦ ଅଧୀନ ବାଲିଝରାସ୍ଥିତ ଗଣପତି ଶିଶୁ ବିଦ୍ୟା ମନ୍ଦିରର ଦୁଇଜଣ ଛାତ୍ରଛାତ୍ରୀ ଅନୁଷ୍ଠାନର ଟେକ ରଖିଛନ୍ତି। ଏହି ୨ ଜଣ ହେଲେ ପଞ୍ଚମ ଶ୍ରେଣୀର ଅମିତ ନାୟକ ଓ ତୃତୀୟ ଶ୍ରେଣୀର ବର୍ଷାରାଣୀ ବାଗ। ଉଭୟ ବୃତ୍ତି ପରୀକ୍ଷାରେ ସଫଳ ହୋଇଥିବାରୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ ଦୁହିଁଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



## 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପାରାଦୀପ,୨୭ ।୧୨(ସମିସ)**

ରାଜ୍ୟ ସରକାରଙ୍କ ଦ୍ୱାରା ଯୁବଗୋଷ୍ଠୀଙ୍କୁ ବିକାଶର ଶୀର୍ଷରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଆରମ୍ଭ ହୋଇଛି ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ଶା କାର୍ଯ୍ୟକ୍ରମ। ପ୍ରାୟ ଏକ ମାସ ଧରି ପାରାଦୀପ ମହାବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାର କ୍ରୀଡା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗିତା ସହ ସମାଜସେବା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମୁଖ୍ୟ ଅତିଥି ଭାବେ ସାଂସଦ ଡା. ରାଜଶ୍ରୀ ମଲ୍ଲିକ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପ୍ରୟାସ ଦ୍ୱାରା ଯୁବ ପିଢି ପାଠ ପଢିବା ସହ କ୍ରୀଡା ଉପରେ ଗୁରୁତ୍ୱ ରହିବ; ଯାହା ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବ ବୋଲି କହିଛନ୍ତି। ମୁଖ୍ୟବକ୍ତା ଭାବେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ସମ୍ମାନୀତ ଅତିଥି ଭାବେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଂଜନ ବେହେରା, ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅକ୍ଷୟଚନ୍ଦ୍ର ପଲେଇ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଗଣେଶ୍ୱର ପାତ୍ର ସମସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଅଧ୍ୟାପିକା ଜାଗୃତି ରାୟ ଧନ୍ୟବାଦ ଅର୍ପଣ କରିଥିଲେ।




## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ନାଉଗାଁ,୨୭।୧୨(ସମିସ):** ଅଲଣାହାଟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୫ଦିନ ବ୍ୟାପି ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ବିଡିଓ ତପନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ସମ୍ମାନୀତ ଅତିଥି ଭାବେ ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ପ୍ରତିଯୋଗିତାରେ ଉକ୍ତ ବ୍ଲକର ୧୬ ପଞ୍ଚାୟତରୁ ୧୫୦୦ରୁ ଅଧିକ ଯୁବକ ଯୁବତୀ ଫୁଟବଲ୍, ଭଲିବଲ୍, କବାଡି, ଖୋକ ଆଦି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ଖେଳରେ ବିଜୟ ହାସଲ କରିଥିବା କ୍ରୀଡାବିତ୍‌ଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯିବା ସହିତ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ପ୍ରଶାସନର କର୍ମକର୍ତ୍ତା ପରିଚାଳନା କରିଥିଲେ।




## ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ନାଉଗାଁ, ୨୭।୧୨(ସମିସ):** ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳାଭଣାଜା ମହାବିଦ୍ୟାଳରେ ଆୟୋଜିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଅଧିକାରୀ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ମୁଦୁଲି, ମୁଖ୍ୟ ବକ୍ତା ଭାବେ ନାଉଗାଁ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧ୍ୟକ୍ଷ ଚାଇନା ପ୍ରଧାନ, ସମ୍ମାନୀତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ନିଳୁରାମ ଜେନା, ପ୍ରତିଷ୍ଠାତା ସଦସ୍ୟ ବିଶ୍ୱନାଥ ବେହେରା, କ୍ରୀଡା ସଂଯୋଜକ ଅଧ୍ୟାପକ ପ୍ରତାପ ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ କର୍ଯ୍ୟକ୍ରମରେ ଭାଗ ନେଇଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଧିରେନ୍ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ନିରଞ୍ଜନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ହରପ୍ରସାଦ ପତି, ସନ୍ତୋଷ ଆଚାର୍ଯ୍ୟ, ସତ୍ୟଜିତ୍ ଜେନା, ଆଲୋକ ସାହୁ, ଦୁର୍ଯ୍ୟୋଧନ ଜେନା, ରମେଶ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ମ୍ୟୁନିସିପାଲିଟିସ୍ତରୀୟ ଖେଳ ପ୍ରତିଯୋଗିତା ଆରମ୍ଭ

ପାରାଦୀପ,୨୭ ।୧୨(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବ୍ଲକ ଓ ମୁନିସିପାଲିଟି ଅଞ୍ଚଳରେ ନୂଆ-ଓ ଖେଳ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଟେନିସ୍ ବଲ୍ କ୍ରିକେଟ, ଫୁଟବଲ୍, ଭଲିବଲ୍, ଖୋ-ଖୋ, କବାଡି ଓ ହକି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ପ୍ରତିଯୋଗିତାରେ ୧୩ ବର୍ଷରୁ ୩୫ ବର୍ଷ ଯୁବକ, ଯୁବତୀ ଅଂଶଗ୍ରହଣ କରୁଛନ୍ତି। ଏଥି ନିମନ୍ତେ ନଭେମ୍ବର ୫ରୁ ୨୦ ତାରିଖ ପର୍ଯ୍ୟ ଅନଲାଇନ୍ ମାଧ୍ୟମରେ ଆବେଦନ କରାଯାଇଥିଲା। ପାରାଦୀପରେ ୬୮ଟି ଟିମ୍ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୭ଟି ଟିମ୍ ଖେଳାଳି ତାଲିକା ଦାଖଲ କରିଥିଲେ। ପାରାଦୀପ ପୌରପାଳିକା ପକ୍ଷରୁ କ୍ରିକେଟ୍, ଫୁଟବଲ୍, ଭିଲିବଲ୍ (ପୁରୁଷ ଓ ମହିଳା), କବାଡି ଓ ହକି ପ୍ରତିଯୋଗିରା ଆୟୋଜନ କରାଯାଉଛି। ପୌରପାଳିକା କାର୍ଯ୍ୟାଳୟରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। କ୍ରିକେଟରେ ୨୪ଟି ପୁରୁଷ ଦଳ, ଫୁଟବଲ ପାଇଁ କେବଳ ୮ଟି ପୁରୁଷ ଦଳ, ହକି ନିମନ୍ତେ ୪ଟି ପୁରୁଷ ଓ ୩ଟି ମହିଳା ଦଳ, କବାଡିରେ କେବଳ ୪ଟି ପୁରୁଷ ଦଳ, ଖୋ-ଖୋରେ ମାତ୍ର ୨ଟି ପୁରୁଷ ଦଳ ଓ ଭଲିବଲରେ ୮ଟି ପୁରୁଷ ଓ ୪ଟି ମହିଳା ଦଳ ଅଂଶଗ୍ରହଣ କରୁଛନ୍ତି। ମଧୁବନ ଖେଳ ପଡିଆରେ କ୍ରିକେଟ୍, ଗୋପବନ୍ଧୁ ଷ୍ଟାଡିୟମରେ କବାଡି, ଭଲିବଲ ଓ ଫୁଟବଲ୍ ଏବଂ ପିପିଏଲ୍ ଡିଏଭି ପବ୍ଲିକ୍ ସ୍କୁଲରେ ହକି ଖେଳ ଆୟୋଜନ କରାଯାଉଥିବା ପୌରାଧକ୍ଷ ଶ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌର ଉପାଧକ୍ଷା ଛବିଳତା ରାଉତ, ଗୋପବନ୍ଧୁ କ୍ରୀଡା ସଂସଦର ଉପଦେଷ୍ଟା ରବୀନ୍ଦ୍ର ଦାସ ଓ ଜାତୀୟ ଭଲିବଲ କୋଚ୍ ସଂଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



